## ଏସ୍‌ୟୁ ରସାୟନ ବିଜ୍ଞାନ ବୈଷୟିକ ଅଧିକାରୀଙ୍କ ପରଲୋକ

**ସମ୍ବଲପୁର(ବ୍ୟୁରୋ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ରସାୟନ ବିଜ୍ଞାନ ବୈଷୟିକ ଅଧିକାରୀ କେଦାର ସାହୁଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପ୍ରଫେସର ଶଙ୍କର ପତିଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ନୀଳକଣ୍ଠ ମହାପାତ୍ର, ମହେନ୍ଦ୍ର କୁମାର ମିଶ୍ର, ଶଶିଭୂଷଣ ପୃଷ୍ଟେଠ, ଯଜ୍ଞେନ୍ଦ୍ର ନାରାୟଣ ମିଶ୍ର, ନରେନ୍ଦ୍ର ପ୍ରସାଦ ଷଡଙ୍ଗୀ, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ମହେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ କେଦାରଙ୍କ ସ୍ମୃତିଚାରଣ କରିଥିଲେ।

# ସର୍ଭିସ ରୋଡ୍‌କୁ ଜମି କଣ୍ଟା

**ସମ୍ବଲପୁର ଫ୍ଲାଏଓଭର ବ୍ରିଜ୍**
- ଅଧିଗ୍ରହଣ କରି ପାରୁନାହିଁ ପ୍ରଶାସନ
- ବଢୁଛି ଲୋକଙ୍କ ସମସ୍ୟା, ଅସନ୍ତୋଷ
- ୫ ପିଲର କାମ ବାକି ରହିଛି

**ସମ୍ବଲପୁର,୪।୧୦(ବ୍ୟୁରୋ)**

ସମ୍ବଲପୁର ଫ୍ଲାଏଓଭର ବ୍ରିଜର ନିର୍ମାଣ କାମ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ପୂର୍ତ୍ତ ବିଭାଗ ଲକ୍ଷ୍ୟ ରଖିଛି। ହେଲେ ସର୍ଭିସ ରୋଡ୍ ନିର୍ମାଣରେ ଅନିଶ୍ଚିତତା ଦେଖା ଦେଇଛି। ୪ ବର୍ଷ ହେଲା କାମ ଆରମ୍ଭ ହୋଇଥିଲେ ମଧ୍ୟ ସର୍ଭିସ ରୋଡ୍ ଲାଗି ରାସ୍ତାର ଉଭୟ ପାର୍ଶ୍ୱରୁ ଜମି ଅଧିଗ୍ରହଣ କରାଯାଇ ପାରୁନାହିଁ। ତେଣୁ ସର୍ଭିସ ରୋଡ୍ ନିର୍ମାଣରେ ସମସ୍ୟା ଦେଖା ଦେଇଛି । ଏଥିପାଇଁ ସହରବାସୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଲୋକମାନଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି । ଏଥିଯୋଗୁ ଟ୍ରାଫିକ ସମସ୍ୟା ଜଟିଳ ହୋଇ ପଡିଛି। ପ୍ରଶାସନ ଓ ପୂର୍ତ୍ତ ବିଭାଗ କେବଳ ଗରିବ, ଆସ୍ଥାୟୀ ହୋଟେଲ, ଛୋଟ ଦୋକାନୀ, ଠେଲାବାଲାଙ୍କୁ ରାସ୍ତାର ଉଭୟ ପାର୍ଶ୍ୱରୁ ଉଠାଇଛି। ସେହିଭଳି ଜିଲାପାଳଙ୍କ ଅଫିସ, ଆରଡିସି ଅଫିସ, ଡିଆଇଜି ଅଫିସ ଓ ଆବାସିକ ବଙ୍ଗଳା, ମୁଖ୍ୟ ଡାକଘର, ଟାଉନହଲ ପଡିଆ ପାଚେରି, ଆକାଶବାଣୀ ପାଚେରି, ରିଜର୍ଭ ପୋଲିସ, ଟାଉନ ଥାନା, ମହାନଦୀ କ୍ଲବ୍ ପାଚେରୀକୁ ଭଙ୍ଗା ଯାଇ ଆବଶ୍ୟକ ଜମିକୁ ଅଧିଗ୍ରହଣ କରାଯାଇଛି। ହେଲେ କେତେକ ଘରୋଇ ଜମିକୁ ଆଜି ପର୍ଯ୍ୟନ୍ତ ଅଧିଗ୍ରହଣ କରାଯାଇ ପାରିନାହିଁ । ପ୍ରାୟ ୧୫ ଡିସିମିଲି ଘରୋଇ ଜମି ସର୍ଭିସ ରାସ୍ତା ପାଇଁ ମାପଚୁପ ଲାଗି ସ୍ଥିର ଥିଲା । ଏଥିପାଇଁ କେତେକଙ୍କୁ ନୋଟିସ ଜାରି କରାଯାଇଛି । ଆଲୋଚନା ମଧ୍ୟ ହୋଇଛି। ହେଲେ ଆନ୍ତରିକତା ଅଭାବ ଯୋଗୁ ଜମି ଅଧିଗ୍ରହଣ ହୋଇ ପାରି ନାହିଁ। ଘରୋଇ ଜମିରେ ରାଜନୈତିକ ବ୍ୟକ୍ତି, ସମ୍ଭ୍ରାନ୍ତ ପରିବାରର ଜମି ଥିବାରୁ ପ୍ରଶାସନ ଭୟ କରୁଛି। କେବଳ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କାମକୁ ପ୍ରଶାସନ ଗୁରୁତ୍ୱ ଦେଉଛି। ଠିକାଦାରଙ୍କୁ ମଧ୍ୟ କାମ ସାରିବାକୁ ବାରମ୍ବାର ପୂର୍ତ୍ତ ବିଭାଗ ତାଗିଦ କରୁଛି । ହେଲେ ସର୍ଭିସ ରାସ୍ତା ନିର୍ମାଣ ନ ହେଲେ ଯେଉଁ ଲକ୍ଷ୍ୟ ନେଇ ଫ୍ଲାଏଓଭର ନିର୍ମାଣ କରାଯାଇଛି ତାହା ପୂରଣ ହୋଇ ପାରିବ ନାହିଁ। ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ ମହାନ୍ତି କହିଛନ୍ତି ଯେ, ଡିସେମ୍ବର ସୁଦ୍ଧା ଫ୍ଲାଏଓଭର କାମ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । କୋଭିଡ୍ ହେତୁ ୬ ମାସ ଧରି କାମ ବନ୍ଦ ରହିଥିଲା। ତେଣୁ କାମରେ ବିଳମ୍ବ ହୋଇଥିଲା । ଲକ୍‌ଡାଉନ୍ ଖୋଲିବା ପରେ ରାଜ୍ୟ ବାହାରୁ ଶ୍ରମିକ ଆସି କାମରେ ନିୟୋଜିତ ହୋଇଛନ୍ତି । ଆଉ ୫ଟି ପିଲରରେ ଛାତ ପଡିବ। ତେଣୁ ଧାର୍ଯ୍ୟ ସମୟ ଭିତରେ କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ୨୦୧୬ ଫେବୃଆରୀ ୧୨ ତାରିଖରୁ ଫ୍ଲାଏଓଭର କାମ ଆରମ୍ଭ ହୋଇଛି। ୨୦୧୭ ମେ ୧୧ ତାରିଖରେ କାର୍ଯ୍ୟ ଶେଷ ହେବାକୁ ସମୟ ଧାର୍ଯ୍ୟ ହୋଇଥିଲା। ଧୁତୁରାପଡା ଛକରୁ କଚେରି ଛକ ପର୍ଯ୍ୟନ୍ତ ୧ହଜାର ୮୮୦ ମିଟର ଫ୍ଲାଏଓଭର ବ୍ରିଜର ଲମ୍ବ ରହିଛି । ଏଥିରେ ୫୧ଟି ପିଲର୍ ରହିଛି । ବିଭିନ୍ନ ସ୍ଥାନରେ ପିଲର ଉଚ୍ଚତା ୫ ମିଟରରୁ ଆରମ୍ଭ କରି ୧୫ମିଟର ପର୍ଯ୍ୟନ୍ତ ରହିଛି । ପୂର୍ବରୁ ୬୬.୩୮ କୋଟି ଟଙ୍କାର ବ୍ୟୟ ଅଟକଳ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ବୃଦ୍ଧି କରାଯାଇଛି । ପ୍ରଥମରୁ ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନ ପକ୍ଷରୁ ବିଭିନ୍ନ ସମସ୍ୟା ହେବାରୁ କାମ ଆରମ୍ଭ କରିବାରେ ବିଳମ୍ବ ହୋଇଥିଲା । ଏହି ଫ୍ଲାଏଓଭର ବ୍ରିଜର କାମ ନେଇଥିବା ଠିକା ସଂସ୍ଥା ଭୁବନେଶ୍ୱର ବମିଖାଲ ଫ୍ଲାଏଓଭର ବ୍ରିଜ କାମ କରୁଥିବାବେଳେ ସେଠାରେ ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ନିଜ କୁନି ଝିଅକୁ ଧରି ଘରକୁ ଫେରୁଥିବା ଜଣେ ସାଧାରଣ ଲୋକଙ୍କଙ୍କ ଜୀବନ ଯାଇଥିଲା। ଝିଅଟି କିନ୍ତୁ ବର୍ତ୍ତି ଯାଇଥିଲା। ଏଣୁ ସେହି ଘଟଣାରେ ଠିକା ସଂସ୍ଥା ବିବାଦୀୟ ହୋଇ ପଡ଼ିଥିଲା। ଫଳରେ ସେଥିପାଇଁ ମଧ୍ୟ ୬ ମାସ ଧରି ସମ୍ବଲପୁର ଫ୍ଲାଏଓଭର ବ୍ରିଜ କାମ ବନ୍ଦ ରହିଥିଲା।




## ସଂକ୍ଷେପରେ

### ହାଥ୍‌ରସ ଘଟଣାକୁ ନିନ୍ଦା, କ୍ୟାଣ୍ଡେଲ ଶୋଭାଯାତ୍ରା

**ଲାଠୋର, ୪।୧୦(ଡି.ଏନ୍.ଏ.) :** ଉତ୍ତରପ୍ରଦେଶର ହାଥ୍‌ରସଠାରେ ଜଣେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଲାଠୋରସ୍ଥିତି ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ମାଲପଡା ଡାଇଜ ଯୁବ ଅନୁଷ୍ଠାନ, ଲାଠୋର ଡେଭଲପମେଣ୍ଟ ଆସୋସିଏଶନ, ଜୟଭୀମ କ୍ଲବ ଓ ମୂଳ ନିବାସୀ ମହିଳା ସଂଘର୍ଷ ସମିତି ଓଡ଼ିଶାର ସଦସ୍ୟାମାନେ ଏକତ୍ରିତ ହୋଇଥିଲେ। ମୃତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଯେ ପର୍ଯ୍ୟନ୍ତ ମୃତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରା ନ ଯାଇଛି ସେ ପର୍ଯ୍ୟନ୍ତ ଏହି ଲଢ଼େଇ ଜାରି ରହିବ ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ଦିନକୁ ଦିନ ଦେଶରେ ଦଳିତ ମହିଳାଙ୍କ ପ୍ରତି ଗଣବଳାତ୍କାର, ହତ୍ୟା ଭଳି ଜଘନ୍ୟ କାଣ୍ଡ ବଢ଼ି ଚାଲିଥିଲେ ମଧ୍ୟ ସରକାର ଏ ଦିଗରେ ରୋକ ଲଗେଇବାରେ ବିଫଳ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

### ଅନଶନକାରୀଙ୍କୁ ଭେଟିଲେ ଉପଜିଲାପାଳ

**ଲୋଇସିଂହା, ୪।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ଗୋରୁଗହାଳ ଓ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ କରି ଗାନ୍ଧୀ ଜୟନ୍ତୀରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅନଶନ ଚାଲିଛି। ରବିବାର ସନ୍ଧ୍ୟାରେ ଘଟଣାସ୍ଥଳରେ ଉପଜିଲାପାଳ ସୁଧାକର ନାଏକ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ମୃତବ୍ୟକ୍ତିଙ୍କ ନାମରେ ମଞ୍ଜୁର ହୋଇଥିବା ଭତ୍ତା ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଓ ଗୋରୁଗୁହାଳ ଅନିୟମିତତା ସମ୍ପର୍କରେ ବିଡିଓଙ୍କ ସହ ଆଲୋଚନା ପରେ ମଙ୍ଗଳବାର ଆବଶ୍ୟକ ପଦକ୍ଷେପ ନେବେ ବୋଲି ଉପଜିଲାପାଳ ଅନଶନକାରୀଙ୍କୁ କହିଥିଲେ। ହେଲେ ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଯାଏ ଆନ୍ଦୋଳନ ଜାରୀ ରହିବ କହି ସେମାନେ ଅନଶନ ଜାରୀ ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚାୟତର ତଲିଉଡାର, ଉପରଉଡାର, ବାଗଡିଆ ଓ ଛତା ଗ୍ରାମର ବାଦ୍ ପଡିଥିବା କେତେକ ବ୍ୟକ୍ତି ଏକ ରାଲିରେ ଆସି ଗତ ୨ତାରିଖଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଛନ୍ତି।

### ଲେଖିକା ପରିଷଦ ବୈଠକ

**ବରଗଡ଼ ଅଫିସ, ୪।୧୦:** ବରଗଡ଼ ଜିଲା ଲେଖିକା ପରିଷଦର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲେଖିକା ପରିଷଦ ଓ ମାଟିଲଗ୍ନା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକକୁ ସମ୍ପାଦିକା ତପସ୍ୱିନୀ ମହାପାତ୍ର ସଂଯୋଜନା କରିଥିଲେ। ସଭ୍ୟ ନିରୁପମା ଶତପଥୀ ସୂଚନା ଦେଇଥିଲେ। କଣ୍ଠଶିଳ୍ପୀ ପ୍ରମୋଦ ଦାଶ, ନାଟ୍ୟଗୁରୁ ହେମନ୍ତ ପ୍ରଧାନ, ସାଗର ବିଶ୍ୱାଳ ପ୍ରମୁଖ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପରିଷଦର ନୂତନ ସଭାନେତ୍ରୀଭାବେ ନୁରାବତୀ ସାହୁ ଏବଂ ଉପସଭାନେତ୍ରୀଭାବେ କବିତା ରଥଙ୍କୁ ମନୋନୀତ କରାଯାଇଥିଲା। କବୟିତ୍ରୀ ସଙ୍ଗୀତା ରଥ ଧନ୍ୟବାଦ ଦେଇଥିଲେ ।

### ସୋନପୁର କଲେଜ ପଦାର୍ଥ ବିଜ୍ଞାନ ବିଭାଗର ୱେବିନାର

**ସୋନପୁର,୪।୧୦(ନି.ପ୍ର.):** ସୋନପୁର କଲେଜ ପଦାର୍ଥ ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ମିଳିତ ଆନୁକୂଲ୍ୟରେ କଲେଜରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ଆଡଭାନ୍ସମେଣ୍ଟ ଆଣ୍ଡ ଇଭୋଲ୍ୟୁସନ ଅଫ ଫିଜିକ୍ସ ଶୀର୍ଷକ ଏହି ୱେବିନାରରେ ବିଭାଗର ମୁଖ୍ୟ ଡ. ପ୍ରତିମା ରଥ ଅତିଥି ଓ ବକ୍ତାମାନଙ୍କୁ ସ୍ୱାଗତ ଜଣାଇଥିଲେ। କଲେଜ ଅଧକ୍ଷ ପ୍ରଫେସର ତରୁଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁର ମହିଳା କଲେଜ ପ୍ରାକ୍ତନ ଅଧକ୍ଷ ପ୍ରଫେସର ସନ୍ତୋଷ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଷୟ ଉପରେ ନିଜର ମତବ୍ୟକ୍ତ କରିଥିଲେ। ଆଇକ୍ୟୁଏସିର ସଂଯୋଜକ ପ୍ରଫେସର ଅଶ୍ୱିନୀ ହୋତା ୱେବିନାରକୁ ପରିଚାଳନା କରିଥିଲେ।

## ବସ୍‌ଷ୍ଟାଣ୍ଡ ଶୌଚାଳୟ କାର୍ଯ୍ୟକ୍ଷମ ହେଉନି

**ଲୋଇସିଂହା,୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟା ବସ୍‌ଷ୍ଟାଣ୍ଡଠାରେ ଥିବା ଗୋଷ୍ଠୀ ଶୌଚାଳୟରେ ଏକ ବର୍ଷହେଲା ତାଲା ଝୁଲୁଛି । ସାଲେଭଟା ଗ୍ରାମ ଦେଇ ବରଗଡ଼-ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥ ଯାଇଛି । ବସ୍‌ଷ୍ଟାଣ୍ଡର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି । ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହେଲେ ବ୍ଲକର ବିଭିନ୍ନ ଗାଁର ଲୋକଙ୍କୁ ସାଲେଭଟା ଦେଇ ଯିବାକୁ ହୋଇଥାଏ । ଏହାବାଦ୍ ବସ୍‌ଷ୍ଟପ ଥିବାରୁ ଯାତ୍ରୀମାନେ ଏଠାରେ ଓହ୍ଲାଇଥାନ୍ତି। ହେଲେ ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯାତ୍ରୀଙ୍କ ସମସ୍ୟାକ ହୃଦୟଙ୍ଗମ କରି ସାଲେଭଟା ପଞ୍ଚାୟତ ପକ୍ଷରୁ ୨୦୧୭-୧୮ ଆର୍ଥିକ ବର୍ଷରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଶୌଚାଳୟ ନିର୍ମାଣ ହୋଇଛି । ଶୌଚାଳୟ କିଛିଦିନ ଚାଲୁ ପରେ ଗୋଟିଏ ବର୍ଷହେଲା ବନ୍ଦ ପଡିଛି । ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦହିଲାଲ କୁମ୍ଭାର, ଗୁରୁଶଙ୍କର ପାଇକଙ୍କ ସମେତ ବହୁ ବ୍ୟକ୍ତି ଦାବି କରିଛନ୍ତି।

## ଖୋଲିଲା ଡିୟର ପାର୍କ, ବୁଲିଲେ ପର୍ଯ୍ୟଟକ

**ସମ୍ବଲପୁର, ୪।୧୦ (ବ୍ୟୁରୋ)**

କରୋନା କଟକଣା ଯୋଗୁ ପ୍ରାୟ ୮ ମାସ ଧରି ବନ୍ଦ ଥିବା ସମ୍ବଲପୁର ଡିୟର ପାର୍କ ରବିବାରଠାରୁ ଖୋଲିଛି। ପ୍ରଥମ ଦିନରେ ୧୭୭ ପର୍ଯ୍ୟଟକ ଆସିଥିଲେ। ସାମାଜିକ ଦୂରତା ରଖିବାକୁ ପର୍ଯ୍ୟଟକଙ୍କୁ କୁହାଯାଇଛି। ମୁଖ୍ୟ ଗେଟ୍‌ରେ ସାନିଟାଇଜ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକଙ୍କୁ ପାର୍କ ଭିତରକୁ ଖାଦ୍ୟ ନେବା ଲାଗି ବାରଣ କରାଯାଇଛି। ୪ଜଣ ଫରେଷ୍ଟର, ୪ଜଣ ଫରେଷ୍ଟଗାର୍ଡ ନିୟୋଜିତ ହୋଇଛନ୍ତି। ବନ୍ୟପ୍ରାଣୀ ରେଞ୍ଜର ସର୍ମିଳି ନାୟକ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଥିଲେ। ଟିକେଟ କାଉଣ୍ଟର ବାହାରେ ଅନ୍‌ଲାଇନରେ ଟିକେଟ ବୁକ୍ କରି ପର୍ଯ୍ୟଟକ ଭିତରକୁ ପ୍ରବେଶ କରିଥିଲେ। ତେବେ କରୋନା ସଂକ୍ରମଣ ଲାଗି ଶିଶୁମାନଙ୍କ ମନୋରଞ୍ଜନ ପାଇଁ ଥିବା ଦୋଳି, ଖେଳଣା ବନ୍ଦ କରିଦିଆଯାଇଛି। ପ୍ରତିଦିନ ୩ଶହ ପର୍ଯ୍ୟଟକଙ୍କ ପ୍ରବେଶ ପାଇଁ ବନ୍ୟପ୍ରାଣୀ ବିଭାଗ ସ୍ଥିର କରିଛି । ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପାର୍କ ଖୋଲା ରହିବ। ସୂଚନାଯୋଗ୍ୟ, ଡେବ୍ରିଗଡ ଅଭୟାରଣ୍ୟ ମଧ୍ୟ ଅକ୍ଟୋବର ୧ ତାରିଖରୁ ଖୋଲିଛି। କୋଭିଡ୍ କଟକଣା ମାନି ପର୍ଯ୍ୟଟକମାନେ ଅଭୟାରଣ୍ୟକୁ ପ୍ରବେଶ କରି ପାରିବେ। ପର୍ଯ୍ୟଟକଙ୍କ ପାଇଁ ତ୍ରିସ୍ତରୀୟ ବିଶୋଧନ ବ୍ୟବସ୍ଥା କରାଯାଇଛି। ଗାର୍ଡମାନେ ହାତରେ ଗ୍ଲୋଭସ୍ ଓ ମୁହଁରେ ଫେସ୍ ସିଲ୍ଡ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ।



ରବିବାର ପ୍ରଥମ ଦିନରେ ସମ୍ବଲପୁର ଡିୟର ପାର୍କ ଖୋଲିବା ପରେ ପର୍ଯ୍ୟଟକମାନେ ବୁଲିବାକୁ ଆସିଛନ୍ତି।

### ପଣ୍ଡିତ ଦାମୋଦର ହୋତାଙ୍କ ବିୟୋଗରେ ଶୋକସଭା

**ସୋନପୁର,୪।୧୦(ନି.ପ୍ର.)**

ମହାନଦୀ ସାହିତ୍ୟ ସଂସଦ ସୁବର୍ଣ୍ଣପୁର ପକ୍ଷରୁ ସଂସ୍କୃତ ବିଶାରଦ ପଣ୍ଡିତ ଦାମୋଦର ହୋତାଙ୍କ ବିୟୋଗରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରୟାଲ ପଡିଆ ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ହୋତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ଅଧ୍ୟାପକ ସଞ୍ଜୀବ କୁମାର ନାୟକ, ଉପସଭାପତି ଡ. ପୁରୁଷୋତ୍ତମ ମିଶ୍ର, ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ଓ ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ ଉପସ୍ଥିତ ରହି ହୋତାଙ୍କ ସାହିତ୍ୟିକ ଜୀବନର ସ୍ମୃତିଚାରଣ କରିଥିଲେ ।

## ବ୍ଲକ କଳାକାର ସଂଘ ବୈଠକ

**ଦେଓଗାଁ, ୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଳାକାର ସଂଘର ବୈଠକ ରବିବାର ସିଂହାମୁଣ୍ଡା ପଞ୍ଚାୟତ ଖଲିଆପାଲି ପ୍ରହରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ଉପସଭାପତି ସୁଦାମ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳାକାରମାନଙ୍କ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା କଟକଣା ଫଳରେ ଆଜକୁ ୭ମାସ ହେଲା କଳାକାରମାନେ ନିଜ ବୃତ୍ତି ହରାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଅନେକ କଳାକାର ନିଜ ବୃତ୍ତି ହରାଇ ପେଟପୋଷିବା ଚିନ୍ତାରେ କରୋନାକୁ ଖାତିର ନ କରି ବାହାର ରାଜ୍ୟକୁ ଦାଦନ ଯିବାପାଇଁ ପଛାଉ ନ ଥିବା ନଜିର ରହିଛି ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କଳାକାରମାନଙ୍କୁ କୌଣସି ପ୍ରକାର ଆର୍ଥିକ ସହାୟତା ଦେଇ ନ ଥିବାରୁ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା । କିଛିଦିନ ମଧ୍ୟରେ କଳାକାରମାନଙ୍କୁ ଯୋଗ୍ୟତାଭିତ୍ତିରେ ଆର୍ଥିକ ସହାୟତା ପ୍ରଦାନ କରା ନ ଗଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି । ଏହି ଅବସରରେ କଳାକାର ଅରକ୍ଷିତ ବରର୍ତ୍ତି, ଶମ୍ଭୁ ପ୍ରସାଦ ବାଗ, ଟିକେଲାଲ ଭାଟି, ଈଶ୍ୱର ଭୁଏ, ପୂର୍ଣ୍ଣଚନ୍ଦ୍ର ସାଏ, ପଞ୍ଚମ ବାଗ, ସର୍ଜନ ବରିହା ପ୍ରମୁଖ ନିଜ ମତ ରଖିଥିଲେ।

## ଦୁର୍ବଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ, ଝୁଲି ରହିଛି ତାର

**ବିନିକା,୪।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଓ ବ୍ଲକର ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ୍ ତାର ଓ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଏହି ଅବ୍ୟବସ୍ଥା ଯୋଗୁ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ରହିଛି । ତେବେ ବିନିକା ବିଦ୍ୟୁତ୍ ବିଭାଗ ଚେଇଁ ଶୋଇଛି।

ବିନିକା ଏନ୍‌ଏସି ୧୦ନମ୍ବର ୱାର୍ଡର ଉର୍ଲେଠାରେ ଥିବା ବିଦ୍ୟୁତ୍ ତାର ଛନ୍ଦାଛନ୍ଦି ହୋଇ ଓହଳି ରହିଛି। ଟିକିଏ ଅସାବଧାନ ହେଲେ ବିପଦ ଭୟ ରହିଛି । ଏହି ୱାର୍ଡର ୨୦ଜଣ ବିଦ୍ୟୁତ୍ ଉପଭୋକ୍ତା ଏ ନେଇ ଲାଇନ୍‌ମ୍ୟାନ୍‌ଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଆଜିକୁ ୬ବର୍ଷ ହେଲାଣି କୌଣସି ପ୍ରତିକାର କରାଯାଉନାହିଁ । ସେହିପରି ବିନିକା ବ୍ଲକ ଅନ୍ତର୍ଗତ କୌଡିଆମୁଣ୍ଡା ଓ ଶଙ୍କରା ଗାଁ ମଧ୍ୟବର୍ତ୍ତୀ ଜମିରେ ୧୯୮୦ ମସିହାରୁ ପୋତା ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଦୁର୍ବଳ ହୋଇ ରହିଛି । ଏହି ଖୁଣ୍ଟର ତଳପଟୁ ସିମେଣ୍ଟ କଂକ୍ରିଟ ଛାଡିଗଲାଣି । ପବନ ହେଲେ ଏହି ଖୁଣ୍ଟ ଉପୁଡି ଯାଇ ବିପଦ ସୃଷ୍ଟି କରିପାରେ । ବାବୁପାଲି ପଞ୍ଚାୟତ ଅଧୀନ ଦେଣ୍ଡୁପଦର ଗାଁର ପ୍ରେମାନନ୍ଦ ଗଡୁଆଙ୍କ ଘର ସମ୍ମୁଖରେ ଏକ ୧୧କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘବର୍ଷ ହେଲା ରହିଛି । ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର କରାଯାଉନାହିଁ । ସିନ୍ଦୁରପୁର ପଞ୍ଚାୟତର ଚେରୁପାଲି ଅଙ୍ଗନବାଡି କେନ୍ଦ୍ରକୁ ଲାଗି ଏକ ଟ୍ରାନ୍ସଫର୍ମର କିଛିବର୍ଷ ପୂର୍ବରୁ ବସାଯାଇଛି । ଏଥିରୁ ଚେରୁପାଲିକୁ ବିଦ୍ୟୁତ ସରବରାହ ହେଉଛି । କୁନିକୁନି ପିଲାଙ୍କ ଖେଳକୁଦ କରିବା ସ୍ଥାନ ନିକଟରେ ଟ୍ରାନ୍ସଫର୍ମର ବସିଥିବା ଯୋଗୁ ଅଭିଭାବକଙ୍କ ମନରେ ସର୍ବଦା ପିଲାଙ୍କ ସୁରକ୍ଷା ନେଇ ଭୟ ରହୁଛି। ଦୀର୍ଘବର୍ଷ ଧରି ଏଭଳି ଅବ୍ୟବସ୍ଥା ଲାଗି ରହିଥିଲେ ହେଁ ବିଭାଗ ପକ୍ଷରୁ ପ୍ରତିକାର କରାଯାଉନାହିଁ । ଯଥାଶୀଘ୍ର ବିନିକା ବିଦ୍ୟୁତ ବିଭାଗ ଏ ଦିଗରେ ବିହିତ ବ୍ୟବସ୍ଥା ଗ୍ରହଣ ନ କଲେ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି ।



ବିଦ୍ୟୁତ୍ ଖୁଣ୍ଟ ନଷ୍ଟ ହୋଇଗଲାଣି।

## କାଠଗଣ୍ଡି ଜବତ, ୩ ଗିରଫ

**ବରଗଡ଼ ଅଫିସ/ପଦ୍ମପୁର, ୪।୧୦**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଥାନା ଅଏଁଲାଭଟା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବନ ବିଭାଗ ଚୋରା କାଠ କାରବାର ଠାବ କରିଛି। ବନ ବିଭାଗ ଲକ୍ଷାଧିକ ଟଙ୍କାର କାଠଗଣ୍ଡି, ବ୍ୟବହୃତ ଟ୍ରାକ୍ଟର, ୨ଟି ବାଇକ୍, କରତ ଆଦି ଜବତ କରିଛି। ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ୩ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବିଜେପୁର ଥାନା ଟେଙ୍ଗରା ଗ୍ରାମର ଦୁତିଆ ସା, ସୁରେନ୍ଦ୍ର ନାଏକ ଏବଂ ସହଦେବ ସାହୁ । ସେମାନଙ୍କ ବିରୋଧରେ ବନ ବିଭାଗ ଏକ ମାମଲା ରୁଜୁ କରିଛି । ସୂଚନା ଅନୁଯାୟୀ, ଅଏଁଲାଭଟା ଗ୍ରାମର ଏକ ନିଛାଟିଆ ସ୍ଥାନରେ ଚୋରାକାଠ କାରବାର ଚାଲିଥିଲା । ଗିରଫ ଅଭିଯୁକ୍ତମାନେ ସେଠାକୁ ଟ୍ରାକ୍ଟର ଯୋଗେ କାଠଗଣ୍ଡି ଆଣି କରତ ଯୋଗେ କାଟୁଥିଲେ। କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ଚଢ଼ାଉ କରି ୩୫ ଖଣ୍ଡ କାଠଗଣ୍ଡି ଜବତ କରିଥିଲା। ନିକଟସ୍ଥ ଖଇରପାଲି ଅଞ୍ଚଳରୁ ସେଠାକୁ କାଠଗଣ୍ଡିଗୁଡ଼ିକ ଅଣାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପଦ୍ମପୁର ରେଞ୍ଜର ପ୍ରମୋଦ ସାହୁ କହିଛନ୍ତି ।



ବନ ବିଭାଗ ହେପାଜତରେ ଜବତ କାଠଗଣ୍ଡି, ଅନ୍ୟ ସାମଗ୍ରୀ ସହିତ ଅଭିଯୁକ୍ତ।

## ଯନ୍ତ୍ରଣାରେ ଛଟପଟ ୪ବର୍ଷର ଶିଶୁ

**ଅଣ୍ଟାରେ ବଢୁଛି ମାଂସ ପିଣ୍ଡୁଳା**

**ନାକଟିଦେଉଳ, ୪।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ ଅନ୍ତର୍ଗତ ଭାଲୁଗାଡ଼ିଆ ଗ୍ରାମର ଶ୍ରୀତମ୍ ରାଉତ(୪)। ଶରତ ରାଉତ ଏବଂ ମିନତି ରାଉତଙ୍କ ପୁଅ ଶ୍ରୀତମ୍‌ଙ୍କ ଅଣ୍ଟାରେ ଏକ ମାଂସ ପିଣ୍ଡୁଳା ଦିନକୁ ଦିନ ବୃଦ୍ଧି ପାଉଛି। ଯେଉଁ ବୟସରେ ସାଙ୍ଗ ସାଥୀଙ୍କ ସହ ହସଖୁସିରେ ଖେଳିବା କଥା ଯନ୍ତ୍ରଣାରେ ସେ ଛଟପଟ ହେଉଛନ୍ତି। ଗରିବ ପରିବାରର ଏହି ମା'ବାପାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ଅର୍ଥାଭାବ ଯୋଗୁ ପୁଅର ଚିକିତ୍ସା କରାଇ ନ ପାରି ସେମାନେ ଆଖିରୁ ଲୁହ ଗଡାଉଛନ୍ତି।

ସ୍ତ୍ରୀ ମିନତି ଓ ପୁଅ ସୁବ୍ରତ(୯)ଙ୍କୁ ନେଇ ଥିଲା ଶରତଙ୍କ ହସଖୁସିର ସଂସାର। ମୂଲ ମଜୁରି ଲାଗି ପରିବାର ପ୍ରତିପୋଷଣ କରୁଥିବା ଏହି ପରିବାରରେ ଚାରିବର୍ଷ ତଳେ ଖୁସି ଆସିଥିଲା ଯେତେବେଳେ ବୁର୍ଲା ମେଡିକାଲରେ ମିନତିଙ୍କ କୋଳମଣ୍ଡନ କରି ଜନ୍ମ ହୋଇଥିଲେ ଶ୍ରୀତମ୍। ଦ୍ୱିତୀୟ ପୁତ୍ର ଜନ୍ମ ଦେବା ପରେ ମା'ବାପାଙ୍କ ଖୁସିର ସୀମା ନ ଥିଲା। ତେବେ ଜନ୍ମ ସମୟରେ ପୁଅର ଅଣ୍ଟାରେ ଏକ ଛୋଟ ଘା' ଭଳି ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଏହା ଜାଣି ଶରତ ଡାକ୍ତରଙ୍କ ପରାମର୍ଶ କରିଥିଲେ। ଡାକ୍ତର ନବଜାତକକୁ ଚିକିତ୍ସା ପାଇଁ କଟକ ଶିଶୁଭବନକୁ ନେଇ ଦେଖାଇବାକୁ ପରାମର୍ଶ ଦେଇଥିଲେ। ଧାରକରଜ କରି ଶରତ ଶିଶୁକୁ ନେଇ କଟକ ଶିଶୁଭବନରେ ଦେଖାଇଲେ। ଆବଶ୍ୟକ ପରୀକ୍ଷା ପରେ ଡାକ୍ତର ଔଷଧ ଲେଖି ୨ମାସ ପରେ ପୁଣି ଥରେ ଦେଖାଇବାକୁ କହିଲେ। ଦୁଇମାସ ପରେ ପୁଣି ଥରେ ପୁଅକୁ ନେଇ ଡାକ୍ତରଙ୍କୁ ଦେଖାଇଲେ ଶରତ। ଡାକ୍ତର ଅପରେଶନ ପାଇଁ କଟକ ବଡ଼ ମେଡିକାଲକୁ ରେଫର କଲେ। ସେଠାରେ ଶ୍ରୀତମ୍‌ଙ୍କ ସ୍କାନିଂ ସହ ବିଭନ୍ନ ପରୀକ୍ଷା ନିରୀକ୍ଷା କରାଗଲା ପରେ ଅପରେଶନ ଜରୁରୀ ବୋଲି କୁହାଗଲା। ହେଲେ ଏଠାରେ ନୁହେଁ, ବୁର୍ଲାରେ ଯାଇ ଅପରେଶନ କରାଅ ବୋଲି କହି ତାଙ୍କୁ ମେଡିକାଲରୁ ଫେରାଇ ଦିଆଗଲା। ହେଲେ ଆର୍ଥିକ ଦୁରବସ୍ଥା ଯୋଗୁ ଶରତ ପୁଅର ଅପରେଶନ କରାଇ ନ ପାରି ଭାଗ୍ୟକୁ ଆଦରି ଘରେ ରହିଛନ୍ତି। ଏବେ ଶ୍ରୀତମ୍ ଗାଁ ଅଙ୍ଗନୱାଡିକୁ ଯାଉଛନ୍ତି। ହେଲେ ବଢୁଥିବା ମାଂସ ପିଣ୍ଡୁଳା ତାଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି କରୁଛି। ପୁଅ ଖେଳାବୁଲା କିମ୍ବା ପିଠି ଦେଇ ଶୋଇ ପାରୁ ନାହିଁ। ଏପରି କି ବଢୁଥିବା ମାଂସ ପିଣ୍ଡୁଳାରେ କୌଣସି କାରଣରୁ ଆଘାତ ଲାଗିଲେ ଯନ୍ତ୍ରଣାରେ ଛଟପଟ ହେଉଥିବା ମା'ମିନତି କହିଛନ୍ତି । ପାଖରେ କାଣୀ କଉଡ଼ିଟିଏ ନ ଥିବାରୁ ପୁଅର ଚିକିତ୍ସା କରାଇବାକୁ ସେମାନେ ଅସମର୍ଥ ବୋଲି ଶରତ କୋହଭରା କଣ୍ଠରେ କହିଛନ୍ତି । ଭଙ୍ଗାଦଦରା ଦୁଇ ବଖରା ଚାଳ ଘରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ଏହି ପରିବାରର ଏକମାତ୍ର ଭରସା ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୨୦କେଜି ଚାଉଳ। ଆର୍ଥିକ ସ୍ଥିତି ଶୋଚନୀୟ ଥିବା ବେଳେ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଶ୍ରୀତମ୍‌ଙ୍କ ଚିକିତ୍ସାର ବ୍ୟବସ୍ଥା କରାଇଲେ ଏହି କଅଁଳ ଶିଶୁ ମୁହଁରେ ହସ ଟିକିଏ ଫୁଟି ପାରନ୍ତା ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି।



ଶ୍ରୀତମ୍‌ଙ୍କ ଅଣ୍ଟାରେ ବଢୁଥିବା ମାଂସ ପିଣ୍ଡୁଳା।

